ତା –୨୦।୧୨।୨୦୧୯ରିଖରେ ଅନୁଷ୍ଠିତ ଓମ୍‌ଫେଡ୍‌ର ୧୦୬ ତମ ନିର୍ଦ୍ଦେଶକମଣ୍ଡଳୀ ବୈଠକରେ ଗ୍ରହଣ କରାଯାଇଥିବା ସିଦ୍ଧାନ୍ତସମୂହର ବିବରଣୀ

**ସ୍ଥାନ:** ଓମ୍‌ଫେଡ୍ ମୁଖ୍ୟ କାର୍ଯ୍ୟାଳୟ, ଶହୀଦ୍ ନଗର, ଭୁବନେଶ୍ୱର ।

ଓମ୍‌ଫେଡ୍‌ର ଅଧକ୍ଷା ଶ୍ରୀମତୀ ସରୋଜିନୀ ମିଶ୍ର, ଉପାଧକ୍ଷ ଶ୍ରୀ ରଜନୀକାନ୍ତ ମଣ୍ଡଳ, ଶ୍ରୀଯୁକ୍ତ ସୋମେଶ୍ କୁମାର ଉପାଧ୍ୟାୟ, ଭା.ପ୍ର.ସେ, ମୁଖ୍ୟ ସାଧାରଣ ପରିଚାଳକ, ଓମ୍‌ଫେଡ୍, ସମସ୍ତ ନିର୍ଦ୍ଦେଶକ ଓ ନିର୍ଦ୍ଦେଶିକା, ପ୍ରାଣୀ ପାଳନ ଓ ପ୍ରାଣୀ ସେବା ଚିକିତ୍ସାଳୟ, କଟକ ନିର୍ଦ୍ଦେଶକଙ୍କ ପ୍ରତିନିଧି ଭାବେ ଉପ ନିର୍ଦ୍ଦେଶକ ଡଃ ଡି.ମିଶ୍ର, ଜାତୀୟ ଗୋ- ବିକାଶ ପରିଷଦର ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଶ୍ରୀମତୀ ଦୋରା ସାହାଙ୍କୁ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆର୍,ରଘୁ.ପ୍ରସାଦ, ଆଇ.ଏଫ୍.ଏସ୍ ସ୍ୱାଗତ ଜଣାଇବା ସହ ୧୦୬ତମ ବୈଠକରେ ଉପସ୍ଥାପିତ ହୋଇଥିବା ସୂଚୀ ଓ ଅତିରିକ୍ତ ସୂଚୀ ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ନିମ୍ନୋକ୍ତ ନିଷ୍ପତ୍ତି ଗ୍ରହଣ କରାଗଲା ।

କାର୍ଯ୍ୟସୂଚୀ ସଂଖ୍ୟା- ୦୧
ସିଦ୍ଧାନ୍ତ ସଂଖ୍ୟା – ୧୯୬୮

**ବିଷୟ: ତା-୨୦।୦୨ ।୨୦୧୯ ରିଖରେ ଅନୁଷ୍ଠିତ ୧୦୫ ତମ ନିର୍ଦ୍ଦେଶକ ମଣ୍ଡଳୀର ଲିଖିତ ବିବରଣୀର ଅନୁମୋଦନ ।**

ଦୃଢ଼ୀକରଣ କରାଗଲା ।

କାର୍ଯ୍ୟସୂଚୀ ସଂଖ୍ୟା- ୦୨
ସିଦ୍ଧାନ୍ତ ସଂଖ୍ୟା – ୧୯୬୯

**ବିଷୟ: ତା-୨୦ ।୦୨ ।୨୦୧୯ ରିଖରେ ଅନୁଷ୍ଠିତ ୧୦୫ତମ ନିର୍ଦ୍ଦେଶକ ମଣ୍ଡଳୀ ରେ ନିଆଯାଇଥିବା ସିଦ୍ଧାନ୍ତର ପରବର୍ତ୍ତି କାର୍ଯ୍ୟକ୍ରମ ।**

ଦୃଷ୍ଟିପାତ କଲେ ।

କାର୍ଯ୍ୟସୂଚୀ ସଂଖ୍ୟା- ୦୩
ସିଦ୍ଧାନ୍ତ ସଂଖ୍ୟା – ୧୯୭୦

**ବିଷୟ : ଓମ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକଙ୍କ କାର୍ଯ୍ୟଭାର ଗ୍ରହଣ ।**

ସାଧାରଣ ପ୍ରଶାସନ ତଥା ସର୍ବ ସାଧାରଣ ଅଭିଯୋଗ ବିଭାଗ, ଓଡିଶା ସରକାର, ଭୁବନେଶ୍ୱରଙ୍କଦ୍ୱାରା ବିଜ୍ଞପ୍ତି ସ୍ମାରକ ପତ୍ର ସଂଖ୍ୟା୨୨୨୨/ଏଆଇଏସ୍ ତା୦୭।୦୮।୨୦୧୯ରିଖ ଅନୁଯାୟୀ ଶ୍ରୀଯୁକ୍ତ ଆର୍,ରଘୁ.ପ୍ରସାଦ, ଆଇ.ଏଫ୍.ଏସ୍ , ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଭାବାରେ ତା-୦୯।୦୮।୨୦୧୯ ରିଖ ପୂର୍ବାହ୍ନରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି ।

ପରିଚାଳନା ମଣ୍ଡଳୀ ପରିଚାଳନା ନିର୍ଦ୍ଦେଶକଙ୍କ ଯୋଗଦାନକୁ ଗ୍ରହଣ କଲେ ।

ବସନ୍ତ ମିଶ୍ର
( ବସନ୍ତ ମିଶ୍ର )
ବୋର୍ଡ ସଂପାଦକ

ସରୋଜିନୀ ମିଶ୍ର
( ସରୋଜିନୀ ମିଶ୍ର )
ଅଧ୍ୟକ୍ଷା

କାର୍ଯ୍ୟସୂଚୀ ସଂଖ୍ୟା- ୦୪
ସିଦ୍ଧାନ୍ତ ସଂଖ୍ୟା – ୧୯୭୧

**ବିଷୟ : ଶ୍ରୀଯୁକ୍ତ ସୋମେଶ୍ କୁମାର ଉପାଧ୍ୟାୟ, ଭାରତୀୟ ପ୍ରଶାସନିକ ସେବାଙ୍କର ଓମ୍‌ଫେଡ୍‌ର ମୁଖ୍ୟ ସାଧାରଣ ପରିଚାଳକ ଭାବରେ ଦାୟିତ୍ୱ ଗ୍ରହଣ ।**

ସାଧାରଣ ପ୍ରଶାସନ ବିଭାଗ, ଓଡିଶା ସରକାରଙ୍କର ଅଧିସୂଚନାଙ୍କ No.GAD-SERI-ESTT/0001-2016-28178/AIS.I, dated 3rd October, ୨୦୧୯ ଅନୁଯାୟୀ ଶ୍ରୀଯୁକ୍ତ ସୋମେଶ କୁମାର ଉପାଧ୍ୟାୟ, ଭାରତୀୟ ପ୍ରଶାସନିକ ସେବା, ଓମ୍‌ଫେଡ୍‌ର ମୁଖ୍ୟ ସାଧାରଣ ପରିଚାଳକ ଭାବରେ ତା-୧୪।୧୦।୨୦୧୯ ରିଖ ପୂର୍ବାହ୍ନରେ ଦାୟିତ୍ୱ ଗ୍ରହଣ କରିଛନ୍ତି ।

ପରିଚାଳନା ମଣ୍ଡଳୀ ମୁଖ୍ୟ ସାଧାରଣ ପରିଚାଳକଙ୍କ ଯୋଗଦାନକୁ ଗ୍ରହଣ କଲେ ।

କାର୍ଯ୍ୟସୂଚୀ ସଂଖ୍ୟା- ୦୫
ସିଦ୍ଧାନ୍ତ ସଂଖ୍ୟା – ୧୯୭୨

**ବିଷୟ : ଓଆର୍‌ଏସ୍‌ପି (ORSP) ନିୟମାବଳୀ, ୨୦୧୯ ଅନୁଯାୟୀ ଓଡିଶା ଦୁଗ୍ଧ ମହାସଂଘର 'ଘ' ଶ୍ରେଣୀଭୁକ୍ତ କର୍ମଚାରୀ ଯଥା କନିଷ୍ଠ ପରିଚାରକ, କନିଷ୍ଠ ସହାୟକ, କନିଷ୍ଠ ବିକ୍ରୟ ପ୍ରୋତ୍ସାହକଙ୍କର ବର୍ଗପ୍ରାପ୍ୟ (GradePay) ସଂଶୋଧନକୁ ଦୃଢୀଭୂତ କରାଗଲା ।**

ଓମ୍‌ଫେଡ୍ ମଧ୍ୟ ଏହି ସଂଶୋଧିତ ବର୍ଗପ୍ରାପ୍ୟ, 'ଘ' ଶ୍ରେଣୀଭୁକ୍ତ କର୍ମଚାରୀଙ୍କ ନିମନ୍ତେ ଅତୀତ ଅଭିମୁଖୀଭାବେ ଲାଗୁ କରିଛନ୍ତି ।

ପରିଚାଳନା ମଣ୍ଡଳୀ ପରିଚାଳନା ନିର୍ଦ୍ଦେଶକଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପର ଅନୁସମର୍ଥନ କରଥିଲେ ।

କାର୍ଯ୍ୟସୂଚୀ ସଂଖ୍ୟା- ୦୬
ସିଦ୍ଧାନ୍ତ ସଂଖ୍ୟା – ୧୯୭୩

**ବିଷୟ : ବିପଣନ ବିଭାଗ କର୍ମଚାରୀଙ୍କର ଜୁଲାଇ, ୨୦୧୭ ଠାରୁ ଜାନୁୟାରୀ, ୨୦୧୯ ପର୍ଯ୍ୟନ୍ତ ଅଟକ ଥିବା ଦରମା ପୁନଃ ପ୍ରଦାନ ସଂପର୍କରେ ।**

ଓମ୍‌ଫେଡ୍ ପୂର୍ବରୁ ଏକ "ପ୍ରେରଣା ତଥା ଦଣ୍ଡ" ଯୋଜନା ସମସ୍ତ ବିପଣନ କ୍ଷେତ୍ରାଧିକାରୀ ତଥା ମାର୍ଗ ସଂଯୋଜକଙ୍କ ପାଇଁ ଜୁଲାଇ'୧୭ରୁ ପ୍ରଚଳନ କରିଥିଲା, ଯାହାକି ନିର୍ଦ୍ଦିଷ୍ଟ ପ୍ରଦତ୍ତ ଲକ୍ଷ୍ୟ ତୁଳନାରେ ଦୁଗ୍ଧର ବାସ୍ତବ ଦୁଗ୍ଧ ବିକ୍ରୟ ଉପରେ ଆଧାରିତ ହୋଇଥିଲା । ଏହି କ୍ରମରେ ଦଣ୍ଡ ପ୍ରଦାନ କରାଯାଉଥିଲା ଯେତେବେଳେ ସଫଳତା, ଧାର୍ଯ୍ୟ ଲକ୍ଷ୍ୟର ୯୫ ପ୍ରତିଶତଠାରୁ କମ୍ ରହୁଥିଲା । ଏହି ପ୍ରକାରର ଦରମା ଭିତ୍ତିକ ଦଣ୍ଡ ବିଧାନ କର୍ମଚାରୀଙ୍କୁ ନିରୁତ୍ସାହିତ କରିବାସହ ଓମ୍‌ଫେଡ୍‌ର କୌଣସି ନିୟମ ସମର୍ଥିତ ନୁହେଁ । ତେଣୁ ବିପଣନ କର୍ମଚାରୀଙ୍କର ଦରମା ଅଟକ ପ୍ରକିୟାକୁ ବନ୍ଦ କରିବାସହ ଜୁଲାଇ, ୨୦୧୭ ଠାରୁ ଜାନୁୟାରୀ, ୨୦୧୯ ପର୍ଯ୍ୟନ୍ତ କଟାହୋଇଥିବା ଅର୍ଥକୁ ପୁନଃ ପ୍ରଦାନ କରାଯାଇଅଛି ।

ପରିଚାଳନା ନିର୍ଦ୍ଦେଶକଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପକୁ ପରିଚାଳନା ମଣ୍ଡଳୀ ଅନୁମୋଦନ କଲେ ।

ବସନ୍ତ ମିଶ୍ର
( ବସନ୍ତ ମିଶ୍ର )
ବୋର୍ଡ ସଂପାଦକ

ସରୋଜିନୀ ମିଶ୍ର
( ସରୋଜିନୀ ମିଶ୍ର )
ଅଧ୍ୟକ୍ଷା

କାର୍ଯ୍ୟସୂଚୀ ସଂଖ୍ୟା- ୦୭
ସିଦ୍ଧାନ୍ତ ସଂଖ୍ୟା – ୧୯୭୪

**ବିଷୟ : ଶ୍ରୀ ଜୟପ୍ରକାଶ ପ୍ରଧାନଙ୍କ ପଦବୀକୁ କନିଷ୍ଠ ଗାଡିଚାଳକ ଭାବରେ ଉନ୍ନିତ କରିବା – ଅନୁମୋଦନ କରିବା । ଶ୍ରୀ ଜୟ ପ୍ରକାଶ ପ୍ରଧାନ,କନିଷ୍ଠ ସହକାରୀ, ଜଣେ କାଏମଥିବା ଗାଡିଚାଳନା ଅନୁମତି ପତ୍ରର ଅଧିକାରୀ ଅଟନ୍ତି ଓ ଏବେ କାର୍ଯ୍ୟାଳୟର ବାହନ ଚଳାଇବା କାର୍ଯ୍ୟ କରୁଛନ୍ତି ।**

ଶ୍ରୀ ଜୟପ୍ରକାଶ ପ୍ରଧାନ, କନିଷ୍ଠ ସହକାରୀ ଭାବରେ ୮ ବର୍ଷ ସଂପୂର୍ଣ୍ଣ କରିସାରିଛନ୍ତି ଏବଂ ପଦୋନ୍ନତି ପାଇଁ ଯୋଗ୍ୟ ଅଟନ୍ତି ; ତାଙ୍କର ଚାକିରୀକୁ କନିଷ୍ଠ ସହକାରୀରୁ କନିଷ୍ଠ ଗାଡିଚାଳକ ଭାବରେ ୨୪।୦୭।୨୦୧୯ ରିଖଠାରୁ ଉନ୍ନିତ କରାଯାଇଅଛି ।

ପରିଚାଳନା ନିର୍ଦ୍ଦେଶକଙ୍କ ଦ୍ଵାରା ଗ୍ରହଣ କରାଯାଇଥିବା ପଦକ୍ଷେପକୁ ପରିଚାଳନା ମଣ୍ଡଳୀ ଅନୁମୋଦନ କଲେ ।

କାର୍ଯ୍ୟସୂଚୀ ସଂଖ୍ୟା- ୦୮
ସିଦ୍ଧାନ୍ତ ସଂଖ୍ୟା – ୧୯୭୫

**ବିଷୟ : ସମ୍ବଲପୁର ଡେରୀର କନିଷ୍ଠ ସହକାରୀ, ମୃତ ରବି ଚନ୍ଦ୍ର ନାଏକଙ୍କ ପରିବାରବର୍ଗଙ୍କୁ ୧ ଲକ୍ଷ ଟଙ୍କା ପ୍ରଦାନ ।**

ସ୍ୱର୍ଗତ ରବିଚନ୍ଦ୍ର ନାଏକ, ପୂର୍ବତନ- କନିଷ୍ଠ ସହକାରୀ ସମ୍ବଲପୁର ଡେରୀରେ ୨୦୧୩ ମସିହାରୁ କାର୍ଯ୍ୟକରୁଥିଲେ । ଗତ ତା-୧୧।୦୬।୨୦୧୯ ରିଖରେ ସ୍ୱର୍ଗତ ନାଏକ ସମ୍ବଲପୁର ଡେରୀରେ କାର୍ଯ୍ୟରତ ଥିବା ଅବସ୍ଥାରେ କାରଖାନା ପରିସରରେ ଅସୁସ୍ଥ ଅନୁଭବ କରିଥିଲେ । ତାଙ୍କୁ ତୁରନ୍ତ ସେହିଦିନ ବୁର୍ଲା ଭେଷଜ ମହାବିଦ୍ୟାଳୟରେ ଭର୍ତ୍ତି କରାଯାଇଥିଲା, ଯେଉଁଠାରେ ସେ ୧୨।୦୬।୧୯ରେ ମୃତ୍ୟୁବରଣ କରିଥିଲେ । ସ୍ୱର୍ଗତ ନାଏକଙ୍କ ମୃତ୍ୟୁକୁ ନେଇ କାରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା । ପରିସ୍ଥିତକୁ ଶାନ୍ତ କରିବାପାଇଁ ପରିଚାଳନା ନିର୍ଦ୍ଦେଶକ ସ୍ୱର୍ଗତ ନାଏକଙ୍କ ଧର୍ମପତ୍ନୀ ଅରୁଣା ନାଏକଙ୍କୁ ଅନୁକମ୍ପା ରାଶି ଭାବରେ ଏକଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି ଏବଂ ନାଏକଙ୍କ ପରିବାରରୁ ଜଣକୁ ଥଇଥାନ ଯୋଜନା ମାଧ୍ୟମରେ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ଦେବାକୁ ପ୍ରତିଶୃତି ଦେଇଛନ୍ତି ।

ପରିଚାଳନା ନିର୍ଦ୍ଦେଶକଙ୍କ ଦ୍ଵାରା ଗ୍ରହଣ କରାଯାଇଥିବା ପଦକ୍ଷେପକୁ ପରିଚାଳନା ମଣ୍ଡଳୀ ଅନୁମୋଦନ କଲେ ।

କାର୍ଯ୍ୟସୂଚୀ ସଂଖ୍ୟା- ୦୯
ସିଦ୍ଧାନ୍ତ ସଂଖ୍ୟା – ୧୯୭୬

**ବିଷୟ : ଗୋଟିଏ ପରିଚାଳକ(ଦୁଗ୍ଧ ସଂଗ୍ରହ ଓ ବୈଷୟିକ ସହାୟତା) ପଦବୀରେ ଚୟନ ।**

ଦୁଗ୍ଧ ସଂଗ୍ରହ ଉପରେ ଲକ୍ଷ୍ୟ କେନ୍ଦ୍ରୀଭୂତ କରିବା, ଯାହାକି ମହାସଂଘର ମୁଖ୍ୟ କାର୍ଯ୍ୟ ଅଟେ ଏବଂ ରାଜ୍ୟର ଦୁଗ୍ଧ ଉତ୍ପାଦକ ଚାଷୀମାନଙ୍କର ସାମାଜିକ ଓ ଅର୍ଥନୈତିକ ସ୍ଥିତିକୁ ସଶକ୍ତ କରିବା ଲକ୍ଷ୍ୟ ନେଇ ଜଣେ ପରିଚାଳକ (ଦୁଗ୍ଧ ସଂଗ୍ରହ ଓ ବୈଷୟିକ ସହାୟତା) ଚୟନ ପାଇଁ ପ୍ରସ୍ତାବ ଦିଆଯାଉଛି ।

( ବସନ୍ତ ମିଶ୍ର )
ବୋର୍ଡ ସଂପାଦକ

( ସରୋଜିନୀ ମିଶ୍ର )
ଅଧ୍ୟକ୍ଷା

ଏହାଦ୍ୱାରା ବର୍ତ୍ତମାନ ଚାଲୁଥିବା ବିଭିନ୍ନ କାର୍ଯ୍ୟ ଯଥା ଦୁଗ୍ଧସମିତି ଗଠନ, ଚାଷୀମାନଙ୍କୁ ସରକାରୀ ବୈଷୟିକ ସହାୟତା ପ୍ରଦାନ ଏବଂ ଚାଷୀଙ୍କୁ ସର୍ବୋତମ ମୂଲ୍ୟ ପ୍ରଦାନ କରି ଦୁଗ୍ଧ ସଂଗ୍ରହ ବୃଦ୍ଧି କରିବା ଇତ୍ୟାଦି କାର୍ଯ୍ୟ ସୂଚାରୁ ରୂପେ ପରିଚାଳନା କରିବା ସହ, ଦୁଗ୍ଧ ସଂଗ୍ରହ ଓ ବୈଷୟିକ ସହାୟତା ବିଭାଗର ସଶକ୍ତିକରଣ, ଜଣେ ପରିଚାଳକଙ୍କ ନିଯୁକ୍ତି ଦ୍ୱାରା ସମ୍ଭବ ହୋଇପାରିବ ।

ପରିଚାଳକ (ଦୁଗ୍ଧ ସଂଗ୍ରହ ଓ ବୈଷୟିକ ସହାୟତା) ଯୋଜନା ପ୍ରସ୍ତୁତ,ସୂତ୍ରୀକରଣ ଏବଂ ଦୁଗ୍ଧ ସଂଘ ମାନଙ୍କର ମୁଖ୍ୟ କାର୍ଯ୍ୟ ସଂପାଦନର ମୂଲ୍ୟାଙ୍କନ କରିବାସହ ଦୁଗ୍ଧ ସଂଘମାନଙ୍କର ଲକ୍ଷ୍ୟ ଧାର୍ଯ୍ୟ ପାଇଁ କାର୍ଯ୍ୟ କରିବେ । ଏହି ପଦବୀ ପାଇଁ ଚୟନ ପ୍ରକ୍ରିୟା ମହାସଂଘର ଚୟନ ଏବଂ ପଦନ୍ନୋତି ନିୟମ ଅନୁଯାୟୀ କରାଯିବ ।

ନିର୍ଦ୍ଦେଶକ ମଣ୍ଡଳୀ ଏହି ପ୍ରସ୍ତାବକୁ ଅନୁମୋଦନ କଲେ ।

କାର୍ଯ୍ୟସୂଚୀ ସଂଖ୍ୟା- ୧୦
ସିଦ୍ଧାନ୍ତ ସଂଖ୍ୟା – ୧୯୭୭

**ବିଷୟ : ମହାସଂଘ କର୍ମଚାରୀଙ୍କୁ ତା୦୧.୦୧.୨୦୧୯ରିଖ ଠାରୁ ବର୍ଦ୍ଧିତ ମହର୍ଗ୍ଘ ଭତାଶତକଡା ୬ ହାରରେ ପ୍ରଦାନକୁ ଦୃଢୀକରଣ ।**

ଅର୍ଥ ବିଭାଗ, ଓଡିଶା ସରକାରଙ୍କ ମେମୋରେଣ୍ଡମ ନଂ ୧୦୪୧୨ ତା.୨୫.୦୩.୨୦୧୯ରିଖ ଅନୁଯାୟୀ ରାଜ୍ୟ ସରକାର ସରକାରୀ କର୍ମଚାରୀଙ୍କୁ ଶତକଡା ୬ ହାରରେ ମୂଳବେତନ (Pay Band + Grade Pay) ଉପରେ ମହର୍ଗ୍ଘ ଭତ୍ତା ତା-୦୧.୦୧.୨୦୧୯ରିଖଠାରୁ ପ୍ରଦାନ କରିଛନ୍ତି । ଉପରୋକ୍ତ ଆଦେଶ ଅନୁଯାୟୀ ମହାସଂଘ ନିଜର ନିୟମିତ କର୍ମଚାରୀଙ୍କୁ ଶତକଡା ୬ ହାରରେ ମହର୍ଗ୍ଘ ଭତା ତା.୧.୧.୨୦୧୯ରିଖ ଠାରୁ ଆଦେଶନାମା ନଂ ୯୫/୨୦୧୯ ତା.୨୫.୦୫.୨୦୧୯ରିଖ ଅନୁଯାୟୀ ପ୍ରଦାନ କରିଛନ୍ତି ।

କାର୍ଯ୍ୟସୂଚୀ ସଂଖ୍ୟା- ୧୧
ସିଦ୍ଧାନ୍ତ ସଂଖ୍ୟା – ୧୯୭୮

**ବିଷୟ : ମହାସଂଘର ୨୦୧୮–୧୯ ଆର୍ଥିକ ବର୍ଷ ପାଇଁ ଓ ୨୦୧୯–୨୦ ଆର୍ଥିକ ବର୍ଷ (ସେପ୍ଟେମ୍ବର ୨୦୧୯ ସୁଦ୍ଧା) ପାଇଁ କାମଚଳା(Provisional) ଲାଭ କ୍ଷତି ହିସାବ ।**

୨୦୧୮–୧୯ ଏବଂ ୨୦୧୯–୨୦ ଆର୍ଥୀକ ବର୍ଷ ପାଇଁ କାମଚଳା ଅସ୍ଥାୟୀ ଲାଭକ୍ଷତିର ହିସାବ ଚିଠା ପ୍ରସ୍ତୁତ କରାଯାଇଅଛି । ତଦନୁଯାୟୀ ମହାସଂଘ ୨୦୧୮–୧୯ ଆର୍ଥୀକ ବର୍ଷରେ ଟ.୧୧,୯୦,୩୮,୩୭୨.୦୦ ର ନିଟ୍ ଲାଭ ଏବଂ ୨୦୧୯–୨୦ ଆର୍ଥୀକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଶେଷ ସୁଦ୍ଧା ଟ.୭,୫୦,୨୦,୧୦୫.୦୦ର ନିଟ୍ ଲାଭାର୍ଜନ କରିପାରିଅଛି ।

ନିର୍ଦ୍ଦେଶକ ମଣ୍ଡଳୀ ଏହି ସମୟର ଆର୍ଥିକ ସମ୍ପାଦନ ଉପରେ ଅବଗତ ହେଲେ ।

ବିଷନ୍ତ ମିଶ୍ର
( ବସନ୍ତ ମିଶ୍ର )
ବୋର୍ଡ ସଂପାଦକ

ସରୋଜିନୀ ମିଶ୍ର
( ସରୋଜିନୀ ମିଶ୍ର )
ଅଧ୍ୟକ୍ଷା

କାର୍ଯ୍ୟସୂଚୀ ସଂଖ୍ୟା- ୧୨
ସିଦ୍ଧାନ୍ତ ସଂଖ୍ୟା – ୧୯୭୯

**ବିଷୟ : ୨୦୧୪-୧୫ ଆର୍ଥିକ ବର୍ଷ ପାଇଁ ମହାସଂଘର ହିସାବ ସମୀକ୍ଷା ।**

ମହା ସମୀକ୍ଷକ, ସମବାୟ ସମିତି ସମୂହ, ଓଡିଶା, ଭୁବନେଶ୍ୱର, ମହାସଂଘର ୨୦୧୪-୧୫ ଆର୍ଥିକ ବର୍ଷ ପାଇଁ ହିସାବ ସମୀକ୍ଷା ସମାପ୍ତ କରିଛନ୍ତି । ହିସାବ ସମୀକ୍ଷାର ଦସ୍ତାବିଜ ଏବଂ ପ୍ରମାଣପତ୍ର ଆମର ହସ୍ତଗତ ହୋଇଅଛି (ପତ୍ର ସଂଖ୍ୟା ୪୯୪୧/ଅଡିଟ୍-୧ ତା.୧୯.୦୮.୨୦୧୯ରିଖ ଦ୍ୱାରା ବିସ୍ତୃତ ହିସାବ ବିବରଣୀ ଏବଂ ପ୍ରମାଣପତ୍ର ସହ ପଠାଇଛନ୍ତି ।)

ପରିଚାଳନା ମଣ୍ଡଳୀ ଏ ବିଷୟକୁ ଆସନ୍ତା ବାର୍ଷିକ ସାଧାରଣ ସଭାରେ ଉପସ୍ଥାପନ କରିବାକୁ ଅନୁମୋଦନ କଲେ । ଉପସାଧାରଣ ପରିଚାଳକ (ଅର୍ଥ) ଉପସ୍ଥାପିତ ହିସାବ ମନ୍ତବ୍ୟଗୁଡିକର ଉତ୍ତର ରଖିବେ ।

କାର୍ଯ୍ୟସୂଚୀ ସଂଖ୍ୟା- ୧୩
ସିଦ୍ଧାନ୍ତ ସଂଖ୍ୟା – ୧୯୮୦

**ବିଷୟ :ମହାସଂଘର ୨୦୧୯-୨୦ ଆର୍ଥିକ ବର୍ଷର ଆୟ ବ୍ୟୟର ଅଟକଳ ।**

ମହାସଂଘର ୨୦୧୯-୨୦ ଆର୍ଥୀକ ବର୍ଷ ପାଇଁ ବାର୍ଷିକ ଜମା ଖର୍ଚ୍ଚର ଯୋଜନା (ମୂଳଧନ ଏବଂ ରାଜସ୍ୱ) ଓମଫେଡ୍ ମୂଖ୍ୟ କାର୍ଯ୍ୟାଳୟ ସହ ଏହାର ସମସ୍ତ ଖାଖା କାର୍ଯ୍ୟାଳୟ ପାଇଁ ପ୍ରସ୍ତୁତ କରାଯାଇଅଛି । ୪,୭୦,୬୦୨ ଲିଟର/ଦୈନିକ ଦୁଗ୍ଧ ସଂଗ୍ରହ (ଆନୁମାନିକ) ଏବଂ ବିକ୍ରୟ ୪,୪୧,୬୦୩ ଲିଟର/ଦୈନିକ (ଆନୁମାନିକ) ଏବଂ ଦୁଗ୍ଧଜାତ ପଦାର୍ଥ ପ୍ରସ୍ତୁତ ପାଇଁ ସମ୍ଭାବ୍ୟ ୬୦,୨୧୬ ଲିଟର/ଦୈନିକ (ଆନୁମାନିକ), ମୋଟ କାରବାର ପାଇଁ ପୁଞ୍ଜି ଅଟକଳ ଟ.୭୬,୬୦୨ ଲକ୍ଷ ଓ ନିଟ୍ ଲାଭ ଅଟକଳ ୧୫୩୨.୦୪ ଲକ୍ଷ ଉପରେ ପର୍ଯ୍ୟବେସିତ ।

କାର୍ଯ୍ୟସୂଚୀ ସଂଖ୍ୟା- ୧୪
ସିଦ୍ଧାନ୍ତ ସଂଖ୍ୟା – ୧୯୮୧

ବିଷୟ : **୨୦୧୯-୨୦ ବର୍ଷ ପାଇଁ ମହାସଂଘ ତଥା ଏହାର ଶାଖା ଗୁଡିକର ଏବଂ ଜିଲ୍ଲା ଦୁଗ୍ଧ ସଂଘର ଆଭ୍ୟନ୍ତରୀଣ ସମୀକ୍ଷକ ଭାବେ ଚାଟାର୍ଡ ଆକାଉଣ୍ଟାଟ୍ ସଂସ୍ଥାକୁ ନିଯୁକ୍ତି ପ୍ରଦାନ (ତା ୦୧.୦୭.୨୦୧୯ରିଖ ଠାରୁ ତା୩୦.୦୬.୨୦୨୦ ପର୍ଯ୍ୟନ୍ତ)**

ତା-୦୧.୦୭.୨୦୧୯ରିଖରୁ ତା-୩୦.୦୬.୨୦୨୦ ପର୍ଯ୍ୟନ୍ତ ମହାସଂଘ, ବିଭିନ୍ନ ଦୁଗ୍ଧ କାରଖାନା/ଶାଖା କାର୍ଯ୍ୟାଳୟ ଏବଂ ବିଭିନ୍ନ ଦୁଗ୍ଧ ମହାସଂଘ ପାଇଁ ନିଯୁକ୍ତ ହୋଇଥିବା ଆଭ୍ୟନ୍ତରୀଣ ହିସାବ ନୀରିକ୍ଷକଙ୍କ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା ଏବଂ ଏ ବାବଦରେ ନିଆଯାଇଥିବା କାର୍ଯ୍ୟପନ୍ଥାକୁ ପରିଚାଳନା ମଣ୍ଡଳୀ ନିଶ୍ଚିତ କରିଥିଲେ ।

ବସନ୍ତ ମିଶ୍ର
( ବସନ୍ତ ମିଶ୍ର )
ବୋର୍ଡ ସଂପାଦକ

ସରୋଜିନୀ ମିଶ୍ର
( ସରୋଜିନୀ ମିଶ୍ର )
ଅଧ୍ୟକ୍ଷା

କାର୍ଯ୍ୟସୂଚୀ ସଂଖ୍ୟା- ୧୫
ସିଦ୍ଧାନ୍ତ ସଂଖ୍ୟା – ୧୯୮୨

**ବିଷୟ : ମହାସଂଘର ୨୦୧୬-୧୭,୨୦୧୭-୧୮ ଏବଂ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ହିସାବ ସଂପନ୍ନ/ସଂକଳନ ପାଇଁ ଚାଟାର୍ଡ ଆକାଉଣ୍ଟାଟ୍ ନିଯୁକ୍ତି**

କର୍ମ ସଂପାଦକ ସଭାର ସୁପାରିଶ ଏବଂ ସକ୍ଷମ ଅଧିକାରୀଙ୍କ ଅନୁମୋଦନକ୍ରମେ ମହାସଂଘର ୨୦୧୬-୧୭, ୨୦୧୭-୧୮ ଏବଂ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ଚୂଡାନ୍ତ ହିସାବ କାର୍ଯ୍ୟ ବର୍ତ୍ତମାନର ନିଯୁକ୍ତ ଆଭ୍ୟନ୍ତରୀଣ ହିସାବ ସମୀକ୍ଷକ M/S. SRB & Associates, Chartered Accountants Firm ଙ୍କୁ ସମର୍ପଣ କରାଯାଉଅଛି । ଏହି କାର୍ଯ୍ୟ ସଂପାଦନ ପାଇଁ ବୃତିଗତ ମୂଲ୍ୟ ବାର୍ଷିକ ଟ.୩,୦୦,୦୦୦.୦୦ ପ୍ରଦାନ କରାଯିବ, ଯାହାକି ଗସ୍ତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଖର୍ଚ୍ଚ ଯଦି କିଛି ଥାଏ ଅନ୍ତର୍ଭୁକ୍ତ ଅଟେ ।

କାର୍ଯ୍ୟସୂଚୀ ସଂଖ୍ୟା- ୧୬
ସିଦ୍ଧାନ୍ତ ସଂଖ୍ୟା – ୧୯୮୩

**ବିଷୟ: ବାହାର ରାଜ୍ୟ ଡାଏରୀକୁ ଦୁଗ୍ଧ ବିକ୍ରୟ ଓ ରୂପାନ୍ତରିତ ନିମନ୍ତେ ପ୍ରେରଣ କରାଯାଇଥିବା ଦୁଗ୍ଧର ବିବରଣୀ ।**

୨୦୧୯-୨୦ ଆର୍ଥୀକ ବର୍ଷରେ ବିଭିନ୍ନ ଡେରୀର ଦୁଗ୍ଧର ବଳକା ସ୍ଥିତିକୁ ଦେଖି ବଳକା ଦୁଗ୍ଧ ବାହାର ରାଜ୍ୟର ଡେରୀକୁ କିଛି ଭାଗ ଦୁଗ୍ଧ ବିକ୍ରୟ ଏବଂ ଗୁଣ୍ଡ ଦୁଗ୍ଧ/ଘିଅକୁ ରୂପାନ୍ତରୀତ ନିମନ୍ତେ ପଠାଯାଇଥିଲା । ଏପ୍ରିଲ ୨୦୧୯ରୁ ଅଗଷ୍ଟ ୨୦୧୯ ମଧ୍ୟରେ ସମୁଦାୟ ୨୨,୨୭,୭୩୦ କି.ଗ୍ରା. ଦୁଗ୍ଧ ରାଜ୍ୟ ବାହାରର ଡେରୀକୁ ମୋଟ ବିକ୍ରୟ ପାଇଁ ପଠାଯାଇଥିବା ବେଳେ ସେହି ସମୟ ମଧ୍ୟରେ ସମୁଦାୟ ୪୦,୬୪,୪୭୦ କି.ଗ୍ରା. ଗୁଣ୍ଡ ଦୁଗ୍ଧ/ଘିଅକୁ ରୂପାନ୍ତରୀତ ପାଇଁ ପଠାଯାଇଥିଲା ।

ପରିଚାଳନା ନିର୍ଦ୍ଦେଶକଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ପରିଚାଳନା ମଣ୍ଡଳୀ ଅନୁସମର୍ଥନ କଲେ ।

କାର୍ଯ୍ୟସୂଚୀ ସଂଖ୍ୟା- ୧୭
ସିଦ୍ଧାନ୍ତ ସଂଖ୍ୟା – ୧୯୮୪

**ବିଷୟ: ଓମ୍‌ଫେଡ୍ ଗୋଖାଦ୍ୟର ମୂଲ୍ୟ ନିର୍ଦ୍ଧାରଣରେ ନମନୀୟତା ।**

ଗୋଖାଦ୍ୟ ପାଇଁ ବ୍ୟବହୃତ ବିଭିନ୍ନ କଞ୍ଚାମାଲ ଯଥା ଡିଓଆରବି, ମକା, ରାଇସ ପଲିସ୍, ଡିଡିଜିଏସ, ଡିଓଏମସି ଆଦିର ଆମଦାନୀ ମୂଲ୍ୟ ବର୍ଷକ ମଧ୍ୟରେ ବାରମ୍ବାର ଦୋଳାୟମାନ ରହୁଅଛି । ବେଳେବେଳେ କଞ୍ଚାମାଲର ମୂଲ୍ୟରେ ଅହେତୁକ ବୃଦ୍ଧି ହେବା ସ୍ଥଳେ ଅମଳ ସମୟରେ ମୂଲ୍ୟରେ ହ୍ରାସ ହେଉଅଛି । ତେଣୁ ଏହା ପ୍ରସ୍ତାବ ଦିଆଯାଉଛି କି ଓମଫେଡ୍‌ର ପରିଚାଳନା ନିର୍ଦ୍ଦେଶକଙ୍କୁ କଞ୍ଚାମାଲର ଦରକୁ ବିଚାରକୁ ନେଇ ଗୋ-ଖାଦ୍ୟର ମୂଲ୍ୟ ନିରୂପଣ କରିବା ପାଇଁ କ୍ଷମତାପ୍ରାପ୍ତ କରାଯାଉ ।

ଉପରୋକ୍ତ ପ୍ରସ୍ତାବ ଛଡା ପରିଚାଳନା ମଣ୍ଡଳୀ ଅନୁରୋଧ କଲେ କି ଓମଫେଡ ଦ୍ୱାରା ପ୍ରସ୍ତୁତ ଗୋଖାଦ୍ୟର ଯୋଗାଣକୁ ନିୟମିତ କରାଯାଉ । ଏହା ମଧ୍ୟ ନିଷ୍ପତ୍ତି ନିଆଗଲାଯେ ୨୦ ପ୍ରତିଶତ ପୃଷ୍ଟିସାରଯୁକ୍ତ(Protein) ଗୋଖାଦ୍ୟ (ଖଣ୍ଡ/ଚୂନା) ତିଆରି କରାଯିବ । ଗୋଖାଦ୍ୟର ଦର ନିବେଶ ମୂଲ୍ୟକୁ ବିଚାରକୁ ନେଇ ସମୟ କ୍ରମେ ସଂଶୋଧନ କରାଯିବ ।

ବସନ୍ତ ମିଶ୍ର
( ବସନ୍ତ ମିଶ୍ର )
ବୋର୍ଡ ସଂପାଦକ

ସରୋଜିନୀ ମିଶ୍ର
( ସରୋଜିନୀ ମିଶ୍ର )
ଅଧ୍ୟକ୍ଷା

କାର୍ଯ୍ୟସୂଚୀ ସଂଖ୍ୟା- ୧୮
ସିଦ୍ଧାନ୍ତ ସଂଖ୍ୟା – ୧୯୮୫

**ବିଷୟ: ସାମୁଦ୍ରିକ ବାତ୍ୟା (ଫନି) ଦ୍ୱାରା ପ୍ରଭାବିତ ଜିଲ୍ଲାଗୁଡିକୁ ରିଲିଫ୍ ଗୋ-ଖାଦ୍ୟ ଯୋଗାଣ ।**

୨୦୧୯ ମସିହା ମେ ମାସ ପ୍ରଥମ ସପ୍ତାହରେ ସାମୁଦ୍ରିକ ବାତ୍ୟା ଫନି ଯୋଗୁଁ ଓଡିଶା ଉପକୂଳର ବିଭିନ୍ନ ଜିଲ୍ଲା ଯଥା କଟକ, ପୁରୀ, ଯାଜପୁର, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡା ବହୁଳ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଥିଲା । ସ୍ୱତନ୍ତ୍ର ରିଲିଫ କମିଶନର- ଓଡିଶା, ଜିଲ୍ଲାପାଳ, ନିର୍ଦ୍ଦେଶକ-ପଶୁପାଳନ ଓ ପଶୁ ଚିକିତ୍ସା ବିଭାଗ ଓଡିଶା, କଟକଙ୍କ ଦ୍ୱାରା ଫରମାସ୍ ପ୍ରଦତ୍ତ କରାଯାଇ ଓମଫେଡ୍‌କୁ ପ୍ରଭାବିତ ଜିଲ୍ଲା ଗୁଡିକୁ ରିଲିଫ ଗୋଖାଦ୍ୟ ଯୋଗାଇ ଦେବା ପାଇଁ କୁହାଯାଇଥିଲା । ତଦନୁଯାୟୀ ସର୍ବମୋଟ ୨୦୦୬.୫୦ ମେଟ୍ରିକ ଟନ୍ ଗୋଖାଦ୍ୟ ଫନି ପ୍ରଭାବିତ ଜିଲ୍ଲା ଗୁଡିକୁ ମେ ମାସ ପ୍ରଥମ ସପ୍ତାହରେ ଯୋଗାଇ ଦିଆଯାଇଥିଲା ।

ପରିଚାଳନା ମଣ୍ଡଳୀ ଏହି ବିଷୟକୁ ଗୋଚରକୁ ନେଲେ ।

କାର୍ଯ୍ୟସୂଚୀ ସଂଖ୍ୟା- ୧୯
ସିଦ୍ଧାନ୍ତ ସଂଖ୍ୟା – ୧୯୮୬

**ବିଷୟ: ଦୁଗ୍ଧର କ୍ରୟମୂଲ୍ୟର ବୃଦ୍ଧି ।**

୨୦୧୪ ମସିହାଠାରୁ ଦୁଗ୍ଧ ସଂଗ୍ରହ ମୂଲ୍ୟରେ ବୃଦ୍ଧି ହୋଇ ନ ଥିଲା । ସେପ୍ଟେମ୍ବର ୨୦୧୯ ମାସରେ ଓଡିଶା ସରକାରଙ୍କର ପତ୍ର ସଂଖ୍ୟା ୧୨୧୪୪/FARD ତା-୨୫.୦୯.୨୦୧୯ରିଖ ଅନୁଯାୟୀ ଦୁଗ୍ଧ ଉତ୍ପାଦନକାରୀ ଏବଂ ଅନ୍ୟ ଶଙ୍କୁଧାରକ ମାନଙ୍କ ପାଇଁ ଦୁଗ୍ଧ ମୂଲ୍ୟରେ ବୃଦ୍ଧି କରିଛନ୍ତି । ସଂଶୋଧିତ ଦର ଅନୁଯାୟୀ ଦୁଗ୍ଧ ସଂଗ୍ରହ ମୂଲ୍ୟରେ ଦୁଗ୍ଧର ଉତ୍ପାଦକମାନଙ୍କ ପାଇଁ ଲିଟର ପ୍ରତି ଟ.୩/- କୁ ବୃଦ୍ଧି ହୋଇଅଛି । ସେହିପରି ଅନ୍ୟାନ୍ୟ ଶଙ୍କୁଧାରକଙ୍କର ଯଥା – ସମିତି – ଟ.୦.୧୦ ପ., ଦୁଗ୍ଧ ସଂଘ – ଟ.୦.୪୦ ପ., ମହାସଂଘ – ଟ.୦.୨୫ ପ. ଏବଂ ବିକ୍ରେତାମାନଙ୍କ ପାଇଁ ଟ.୦.୨୫ ପ. ଲିଟର ପିଛା ସୀମା(Margin)ରେ ବୃଦ୍ଧି ହୋଇଅଛି । ତଦନୁଯାୟୀ ଓମଫେଡ୍ ମଧ୍ୟ କାର୍ଯ୍ୟାଳୟ ନିର୍ଦ୍ଦେଶନାମା ନଂ ୧୪୬/୧୯ ତା.୨୫.୦୯.୨୦୧୯ରିଖ ଦ୍ୱାରା ଦୁଗ୍ଧ ଚାଷୀ, ସମିତି ଓ ଦୁଗ୍ଧ ସଂଘଙ୍କ ପାଇଁ ସଂଶୋଧିତ ଦୁଗ୍ଧ ସଂଗ୍ରହ ମୂଲ୍ୟ (ଘୃତ ଓ ଅଘୃତ) ତା. ୨୭.୦୯.୨୦୧୯ରିଖ ଠାରୁ ଲାଗୁ କରିଛନ୍ତି ।

ଉପରୋକ୍ତ କାର୍ଯ୍ୟକୁ ପରିଚାଳନା ମଣ୍ଡଳୀ ଗୋଚରକୁ ନେଲେ ।

କାର୍ଯ୍ୟସୂଚୀ ସଂଖ୍ୟା- ୨୦
ସିଦ୍ଧାନ୍ତ ସଂଖ୍ୟା – ୧୯୮୭

**ବିଷୟ: ୨୦୧୮-୧୯ ବର୍ଷର ଦୁଗ୍ଧହ୍ରାସ ଋତୁରେ ଦୁଗ୍ଧଚାଷୀଙ୍କୁ ପ୍ରୋତ୍ସାହନ**

ନିବେଶ ମୂଲ୍ୟ(Input cost) ରେ ମୂଲ୍ୟବୃଦ୍ଧି ସହ ଖାପଖୁଆଇବା ପାଇଁ ରାଜ୍ୟ ସରକାର ରାଜ୍ୟ ଯୋଜନାରୁ ଟ.୧୨୦୮.୨୯ ଲକ୍ଷ ଟଙ୍କା ସମବାୟ ସଂସ୍ଥାଦ୍ୱାରା ସହବନ୍ଧିତ ଦୁଗ୍ଧଚାଷୀମାନଙ୍କୁ ପ୍ରୋତ୍ସାହନ ଭାବରେ ସମବାୟ ସହ ସଂଶ୍ଳିଷ୍ଟ ଦୁଗ୍ଧଚାଷୀମାନଙ୍କୁ ଦୁଗ୍ଧ ହ୍ରାସ ସମୟରେ ଗୋଖାଦ୍ୟ, ଔଷଧ ତଥା ଘାସଚାଷପାଇଁ ହେଉଥିବା ଖର୍ଚ୍ଚକୁ କିଛିକାଂଶରେ ଭରଣା କରିବାପାଇଁ ସେପ୍ଟେମ୍ବର ୨୦୧୮ ରୁ ଫେବୃୟାରୀ ୨୦୧୯ ମଧ୍ୟରେ ଲିଟର ପିଛା ୧ ଟଙ୍କା ହିସାବରେ ଟ.୧୨୦୮.୨୯ଲକ୍ଷ ଟଙ୍କା ଏବଂ

ବସନ୍ତ ମିଶ୍ର
( ବସନ୍ତ ମିଶ୍ର )
ବୋର୍ଡ ସଂପାଦକ

ସରୋଜିନୀ ମିଶ୍ର
( ସରୋଜିନୀ ମିଶ୍ର )
ଅଧ୍ୟକ୍ଷା

କାର୍ଯ୍ୟସୂଚୀ ସଂଖ୍ୟା- ୨୩
ସିଦ୍ଧାନ୍ତ ସଂଖ୍ୟା – ୧୯୯୦

**ବିଷୟ: ମେସର୍ସ ଇଂଜିନିୟରିଂ ପ୍ରୋଜେକ୍ଟ ଇଣ୍ଡିଆ ଲିଃ ମୁମ୍ବାଇ ମାଧ୍ୟମରେ ଡେରୀ ଉପକରଣ କିଣାଯିବ ।**

କେନ୍ଦ୍ର ପ୍ରାୟୋଜିତ ଯୋଜନା(CSS) ପାଣ୍ଠିର ସଦୁପଯୋଗ ପାଇଁ ଏହା ସ୍ଥିରିକୃତ କରାଗଲା କି ଡେରୀ ଉପକରଣ ମେସର୍ସ ଇଂଜିନିୟରିଂ ପ୍ରୋଜେକ୍ଟ ଇଣ୍ଡିଆ ଲିଃ, ମୁମ୍ବାଇ କିମ୍ବା ରାଷ୍ଟ୍ରୀୟ ଗୋ-ବିକାଶ ପରିଷଦଙ୍କ ମାଧ୍ୟମରେ କ୍ରୟ କରାଯିବ ।

**ସିଦ୍ଧାନ୍ତ ସଂଖ୍ୟା – ୧୯୯୧**

ଶ୍ରୀଯୁକ୍ତ ସୋମେଶ କୁମାର ଉପାଧ୍ୟାୟ, ଭା.ପ୍ର.ସେ ଓମ୍‌ଫେଡ୍‌ର ମୁଖ୍ୟ ସାଧାରଣ ପରିଚାଳକ ଭାବରେ ଯୋଗଦାନ କରିଛନ୍ତି, ଯେଉଁଥିପାଇଁ ଭଡାରେ ଏକ ଘର ତାଙ୍କର ରହିବାପାଇଁ ଦରକାର ହେଉଅଛି । ଏହି ବିଷୟ ପରିଚାଳନା ମଣ୍ଡଳୀଙ୍କ ସମ୍ମୁଖରେ ଉପସ୍ଥାପନ କରାଗଲା ଓ ଏହା ଅନୁମୋଦିତ ହେଲା ।

**ସିଦ୍ଧାନ୍ତ ସଂଖ୍ୟା – ୧୯୯୨**

ସୁଦୃଢ ପଦାର୍ଥ ମୂଲ୍ୟ (Solid cost) ବାବଦରେ ଦୁଗ୍ଧସଂଘ ମାନଙ୍କୁ ଲିଟର ପ୍ରତି ଟ.୦.୧୫ ପ ଦିଆଯିବାପାଇଁ ୨୦ ଫେବୃୟାରୀ ୨୦୧୯ ରିଖରେ ଅନୁଷ୍ଠିତ ୧୦୫ତମ ପରିଚାଳନା ମଣ୍ଡଳୀରେ ନିଷ୍ପତ୍ତି ଦିଆଯାଇଥିଲା । ଫେବୃୟାରୀ ୨୦୧୯ ଠାରୁ ଅଗଷ୍ଟ ୨୦୧୯ ପର୍ଯ୍ୟନ୍ତ ହିସାବ କରାଯିବାପରେ ୨୦୧୯-୨୦ ଆର୍ଥିକ ବର୍ଷର ଲାଭକୁ ବିଚାରକୁ ନେଇ ଏହା ଆର୍ଥିକ ବର୍ଷର ଶେଷରେ ପ୍ରଦାନ କରାଯିବ । ସମୁଦାୟ ଦେୟ ଆନୁମାନିକ ୧ କୋଟି ୫୦ ଲକ୍ଷ ଟଂକା ହେବ ।

**ସିଦ୍ଧାନ୍ତ ସଂଖ୍ୟା – ୧୯୯୩**

ଦୁଗ୍ଧସଂଘମାନଙ୍କୁ ଏହି ନିର୍ଦ୍ଦେଶ ଦିଆଗଲା କି ସେମାନେ ନଥିଭୁକ୍ତିକରଣପାଇଁ ଯୋଗ୍ୟତା ସଂପନ୍ନ ଦୁଗ୍ଧ ସମିତିମାନର ପ୍ରସ୍ତାବ ଯଥାଶିଘ୍ର ମହାସଂଘକୁ ପଠାଇବେ । ଦୁଗ୍ଧ ସଂଗ୍ରହ ଓ ବୈଷୟିକ ବିଭାଗ ଏହା ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ନଥିଭୁକ୍ତିକରଣପାଇଁ ଗଚ୍ଛିତଥିବା ପ୍ରସ୍ତାବଗୁଡିକ ଦୁଗ୍ଧ ସଂଗ୍ରହ ଓ ବୈଷୟିକ ବିଭାଗ, ଅତିରିକ୍ତ ନିବନ୍ଧକ, ସମବାୟ ସମିତି ସମୁହ(ARCS)-ତଥା- ପରିଚାଳନା ନିର୍ଦ୍ଦେଶକ, ଓମ୍‌ଫେଡ୍‌କଙ୍କ ପାଖରେ ଏକମାସ ମଧ୍ୟରେ ଅନୁମୋଦନ ନିମନ୍ତେ ଦାଖଲ କରିବେ ।

**ସିଦ୍ଧାନ୍ତ ସଂଖ୍ୟା – ୧୯୯୪**

ଯେହେତୁ ଅନେକ ସମିତି ଓ ଦୁଗ୍ଧସଂଘ ମାନଙ୍କର ଆର୍ଥିକ ସମୀକ୍ଷା ବହୁବର୍ଷ ଧରି ବାକିଆ ରହିଅଛି, ଏହା ନିଶ୍ଚିତ କରାଗଲା ଯେ ଦୁଗ୍ଧସଂଘମାନେ ମହାସମୀକ୍ଷକ(AGCS)/ ସହ ମହାସମୀକ୍ଷକ (AAGCS) ସମବାୟ ସମିତି ସମୁହଙ୍କୁ ଜିଲ୍ଲା ସ୍ତରୀୟ ହିସାବ ନିରୀକ୍ଷକ କିମ୍ବା ତାଲିକାଭୁକ୍ତ ଚାର୍ଟାର୍ଡ ଆକଉଣ୍ଟାଟ୍‌ଙ୍କୁ ଅନ୍ତିମ ହିସାବ ସମୀକ୍ଷା କରିବାପାଇଁ ଅନୁରୋଧ କରିବାକୁ ସୁପାରିଶ କରାଗଲା । ଯଦି ଏହା ସମ୍ଭବ ନହୁଏ ତେବେ ଦୁଗ୍ଧସଂଘମାନେ ମହାସଂଘକୁ ଏ ବିଷୟରେ ଅନୁରୋଧ କଲେ, ମହାସଂଘ ମହାସମୀକ୍ଷକ(AGCS) ସମବାୟ ସମିତି ସମୁହଙ୍କ ଦ୍ୱାରା ତାଲିକାଭୁକ୍ତ ଚାର୍ଟାର୍ଡ ଆକାଉଣ୍ଟାଟ୍‌ଙ୍କ ନାମ ସୁପାରିଶ କରିବେ । ହିସାବ ନିରୀକ୍ଷଣ କରିବାର ସମସ୍ତ ଖର୍ଚ୍ଚ ଦୁଗ୍ଧସଂଘ ଓ ସମିତିମାନେ ସ୍ୱ ପ୍ରଦାନ କରିବେ ।

ବସନ୍ତ ମିଶ୍ର
( ବସନ୍ତ ମିଶ୍ର )
ବୋର୍ଡ ସଂପାଦକ

ସରୋଜିନୀ ମିଶ୍ର
( ସରୋଜିନୀ ମିଶ୍ର )
ଅଧ୍ୟକ୍ଷା

ସିଦ୍ଧାନ୍ତ ସଂଖ୍ୟା – ୧୯୯୫

ରାଜ୍ୟ ସରକାର ବିତ୍ତ ବିଭାଗ ଅଧିସୂଚନାଂକ ନମ୍ବର FIN-PCC-PAY-0003-2017/26342/F dtd.7th September,2017 ଅନୁଯାୟୀ ସପ୍ତମ ବେତନ କମିଶନଙ୍କ ସୁପାରିଶକୁ ଗ୍ରହଣ କରି ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ କାର୍ଯ୍ୟକାରୀ କରିଛନ୍ତି ଯାହାକି ଓମ୍‌ଫେଡ୍ ମଧ୍ୟ ଗ୍ରହଣ କରିବାସହ ଏହାର କର୍ମଚାରୀଙ୍କ ପାଇଁ କାର୍ଯ୍ୟକାରୀ କରିବେ ।

ଅଧିକନ୍ତୁ ଓମ୍‌ଫେଡ୍ ତା-୨୪।୧୧।୨୦୧୭ ରିଖରେ ଅନୁଷ୍ଠିତ ହୋଇଥିବା ଏହାର ୨୬ତମ ବାର୍ଷିକ ସାଧାରଣ ସଭାର ସିଦ୍ଧାନ୍ତ ସଂଖ୍ୟ ୧୭୫ ରେ ଏହାର ସ୍ଥିରିକୃତ କରିଛି କି, ଓମ୍‌ଫେଡ୍ ମଧ ସପ୍ତମ ବେତନ କମିଶନଙ୍କୁ ସୁପାରିଶକୁ ଗ୍ରହଣ କରିବ ଏବଂ ଏଥିପାଇଁ ଏକ ଉପଯୁକ୍ତତା କମିଟି(Fitment Committee) ଗଠନ କରିବ ଯିଏକି ଏହା କିପରି କାର୍ଯ୍ୟକାରୀ ହେବ ତାହାର ପଦ୍ଧତି ଓ ରିତି ସ୍ଥିର କରିବେ ।

ନିମ୍ନଲିଖିତ କାର୍ଯ୍ୟପାଇଁ ଅନୁମୋଦନ କରାଗଲା -

କ) ସପ୍ତମ ବେତନ କମିଶନଙ୍କ ସୁପାରିଶକୁ ଓମ୍‌ଫେଡ୍ କର୍ମଚାରୀମାନଙ୍କ ପାଇଁ କାର୍ଯ୍ୟକାରୀ କରାଯିବ ଏବଂ ପରବର୍ତ୍ତିତ ଦରମା ହାର (Scale of Pay) ୦୧।୦୧।୨୦୧୬ ର ଦରମା (Pay) କୁ ନେଇ ନିର୍ଦ୍ଧିଷ୍ଟ କରାଯିବ ।

ଖ) ପରିଚାଳନା ନିର୍ଦ୍ଦେଶକଙ୍କୁ ଏହା କାର୍ଯ୍ୟକାରୀ କରିବାପାଇଁ ଏକ ଉପଯୁକ୍ତତା କମିଟି(Fitment Committee)ଗଠନ କରିବାକୁ କ୍ଷମତାପ୍ରାପ୍ତ କରାଗଲା ।

ଗ) ପରିବର୍ତ୍ତିତ ଦରମା (Pay) ୭ମ ବେତନ କମିଶନଙ୍କ ସୁପାରିଶକୁ ଲାଗୁହେବା ଦିନଠାରୁ ହିଁ କାର୍ଯ୍ୟକାରୀ ହେବ ।

ଘ) ୭ମ ବେତନ କମିଶନ ଲାଗୁହେବାରୁ ପରିବର୍ତ୍ତିତ ଦରମାର ବକେୟା ପାଉଣା ଦିଆଯିବ ନାହିଁ ।

( ବସନ୍ତ ମିଶ୍ର )
ବୋର୍ଡ ସଂପାଦକ

( ସରୋଜିନୀ ମିଶ୍ର )
ଅଧ୍ୟକ୍ଷା

ଉପସ୍ଥିତ ସଭ୍ୟ / ସଭ୍ୟା

୦୧. ଶ୍ରୀମତୀ ସରୋଜିନୀ ମିଶ୍ର, ଅଧ୍ୟକ୍ଷା

୦୨. ଶ୍ରୀଯୁକ୍ତ ରଜନୀ କାନ୍ତ ମଣ୍ଡଳ, ଉପାଧ୍ୟକ୍ଷ

୦୩. ଶ୍ରୀଯୁକ୍ତ ଆର୍ ରଘୁ ପ୍ରସାଦ, ଓ.ଏଫ୍.ଏସ୍, ପରିଚାଳନା ନିର୍ଦ୍ଦେଶକ, ଓମ୍‌ଫେଡ୍

୦୪. ଶ୍ରୀଯୁକ୍ତ ସୋମେଶ୍ କୁମାର ଉପାଧ୍ୟାୟ, ଭା.ପ୍ର.ସେ, ମୁଖ୍ୟ ସାଧାରଣ ପରିଚାଳକ

୦୫. ଡଃ ଡି.ମିଶ୍ର, ଉପ ନିର୍ଦ୍ଦେଶକ (ଦୁଗ୍ଧ ବିକାଶ)
ନିର୍ଦ୍ଦେଶକ, ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳନ ନିର୍ଦ୍ଦେଶାଳୟ,କଟକଙ୍କ ପ୍ରତିନିଧି ।

୦୬. ମିସ୍ ଦୋରା ସାହା, ପ୍ରତିନିଧି ଜାତୀୟ ଦୁଗ୍ଧ ବିକାଶ ସଂସ୍ଥା, କଲିକତା ।

୦୭. ଶ୍ରୀମତୀ କବିତା ଦାସ

୦୮. ଶ୍ରୀଯୁକ୍ତ କୃଷ୍ଣ ମୋହନ ଜେନା

୦୯. ଶ୍ରୀଯୁକ୍ତ ବୈରାଗୀ ଚରଣ ରାଉତ

୧୦. ଶ୍ରୀମତୀ ଜାନକୀ ବେହେରା

୧୧. ଶ୍ରୀଯୁକ୍ତ ତରୁଣ କୁମାର ଦେହୁରୀ

୧୨ ଶ୍ରୀଯୁକ୍ତ ରଶ୍ମୀ ରଂଜନ ବଳ

୧୩. ଶ୍ରୀଯୁକ୍ତ ଶ୍ରୀକାନ୍ତ ଜେନା

୧୪. ଶ୍ରୀଯୁକ୍ତ ସତ୍ୟାନନ୍ଦ ରାଉତ

୧୫. ଶ୍ରଯୁକ୍ତ କିଶୋର ଚନ୍ଦ୍ର ପ୍ରଧାନୀ

୧୬. ଶ୍ରୀଯୁକ୍ତ କୁଂଜ ବିହାରି ରାଉତ

୧୭ ଶ୍ରୀଯୁକ୍ତ ରାଧାକୃଷ୍ଣ ଅଗ୍ରୁପାତ୍ର

୧୮. ଶ୍ରୀମତୀ କନକଲତା ଦଳାଇ

୧୯. ଶ୍ରୀମତୀ ପଦ୍ମାବତୀ ଦାସ

୨୦. ଶ୍ରୀମତୀ ବାସନ୍ତୀ ଜେନା

୨୧. ଶ୍ରୀମତୀ ପଦ୍ମିନୀ ବେହେରା

୨୨. ଶ୍ରୀମତୀ ସାଗରିକା ଡାଲି

୨୩. ଶ୍ରୀମତୀ ସ୍ନେହଲତା ମହାନ୍ତି

୨୪. ଶ୍ରୀମତୀ ହେମଲତା ଲେଙ୍କା

୨୫. ଶ୍ରୀମତୀ ସୁଶୀଲା ଭୋଇ